**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22 December - 2024**

**News Editor : *Itishree Singh Rathaur***

# ଜିଏସ୍‌ଟି ବୈଠକ

ରାଜସ୍ଥାନର ଜୈସାଲମେରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଅର୍ଥମନ୍ତ୍ରୀ କହିଛନ୍ତି ଜିଏସ୍‌ଟି ପରିଷଦ ଫର୍ଟିଫାଏଡ ଚାଉଳ କର୍ଣ୍ଣଲ ଉପରେ ଜିଏସ୍‌ଟି ହାରକୁ ୫ ପ୍ରତିଶତ ହ୍ରାସ କରିଛି । ସେହିଭଳି କ୍ଷୁଦ୍ର କମ୍ପାନୀ ନୂତନ ପଞ୍ଜିକରଣ ବ୍ୟବସ୍ଥା ପାଇଁ ଜିଏସ୍‌ଟିରେ ସଂଶୋଧନ ଆଣିବା ଲାଗି ନିଷ୍ପତ୍ତି ହୋଇଛି । ପୁରୁଣା ବୈଦ୍ୟୁତିକ, ପେଟ୍ରୋଲ, ଡିଜେଲ ଯାନ ବିକ୍ରୟ ଉପରେ ଜିଏସ୍‌ଟି ହାରକୁ ୧୮ ପ୍ରତିଶତ ବୃଦ୍ଧି କରାଯାଇଛି । ସୂଚନା ଅନୁସାରେ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ମାନେ ଯୋଗ ଦେଇଥିଲେ ।

# ଜଙ୍ଗଲ ବୃଦ୍ଧି

ଦେଶରେ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ୧ହଜାର ୪୪୫ବର୍ଗ କିଲୋମିଟର ଅଞ୍ଚଳରେ ଜଙ୍ଗଲ ବୃଦ୍ଧି ପାଇଛି । ସେଥିମଧ୍ୟରୁ ଓଡ଼ିଶାର ୫ଶହ ଅଣଷଠି ବର୍ଗ କିଲୋମିଟର ବିସ୍ତୃତ ଅଞ୍ଚଳରେ ଜଙ୍ଗଲ ବୃଦ୍ଧି ପାଇଛି

ବୋଲି ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟ ଅନୁସାରେ ଛତିଶଗଡ ଓ ଉତ୍ତରପ୍ରଦେଶ ପରେ ଓଡ଼ିଶାରେ ସର୍ବାଧିକ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି ।

# ଧର୍ମେନ୍ଦ୍ର ପ୍ରଧାନ-କୃଷି

ଜଣେ ସଶକ୍ତ କୃଷକ ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧରୀ ଚରଣ ସିଂହଙ୍କ ୧୨୨ତମ ଜୟନ୍ତୀ ପୂର୍ବରୁ ଆୟୋଜିତ ଏକ ପୁରସ୍କାର ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି କୃଷି ଆମ ଅର୍ଥନୀତିର ଅବିଚ୍ଛେଦ୍ୟ ଅଙ୍ଗ । କୃଷକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ କୃଷି, ସାମାଜିକ କଲ୍ୟାଣ ଏବଂ ସାମ୍ବାଦିକତା କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ।

# ବାର୍ଷିକ ଉତ୍ସବ

ଜୀବନ ନିର୍ମାଣରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ବୋର୍ଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବରେ

ଯୋଗଦେଇ ଶ୍ରୀ ଗଣ୍ଡ କହିଛନ୍ତି ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁହେବା ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ ।

## ଧାନସଂଗ୍ରହ ପ୍ରକ୍ରିୟା-ସମୀକ୍ଷା

କଟକ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟାର ସୁପରିଚାଳନା ନିମନ୍ତେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମୀକ୍ଷା କରିଛନ୍ତି । ମନ୍ତ୍ରୀ ବାରଙ୍ଗ କଣ୍ଟାପଡା ବ୍ଲକସ୍ଥିତ ପ୍ରମୁଖ ମଣ୍ଡିଗୁଡ଼ିକ ପରିଦର୍ଶନ କରିବା ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ନୋଡାଲ ଅଧିକାରୀମାନେ ମଣ୍ଡିଗୁଡ଼ିକୁ ବାରମ୍ବାର ଗସ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ସାମନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ତୀର୍ଥଯାତ୍ରୀ ଯୋଜନା

ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ପୁରୀ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୨୭ଜଣ ଯାତ୍ରୀ ଶିରିଡି ଓ ନାସିକ ଗସ୍ତରେ ଯିବେ । ସେମାନଙ୍କ ସହ ୪ଜଣ ସହାୟକ ଅଧିକାରୀ ମଧ୍ୟ ଯାତ୍ରା କରିବେ । ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୪୭୫ଜଣ ଆବେଦନକାରୀଙ୍କ ମଧ୍ୟରୁ କମ୍ପ୍ୟୁଟରୀକୃତ ଲଟେରୀ ପ୍ରକ୍ରିୟାରେ ୧୨୭ଜଣଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୨୭ଜଣଙ୍କୁ ଅଯୋଧ୍ୟା ଓ ବନାରସ ପଠାଯିବ ।

# କୃଷି ଯନ୍ତ୍ରପାତି ମେଳା

ଢେ଼ଙ୍କାନାଳ ମିନି ଷ୍ଟାଡିୟମରେ ଆୟୋଜିତ ୫ ଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗତ ସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଥିବା କହିଛନ୍ତି । ଆଗାମୀ ଦିନରେ ୧୨ଶହ କୋଟି ଟଙ୍କା ବ୍ୟୟରେ କପିଳାସରେ ସାଇନ୍ସ ସିଟି, ଢେ଼ଙ୍କାନାଳରେ ରିଙ୍ଗରୋଡ଼ ଏବଂ ଢେ଼ଙ୍କାନାଳ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ବିଭବ କେନ୍ଦ୍ର

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯଜ୍ଞଶାଳ ଗ୍ରାମରେ ଥିବା ବିଭବ କେନ୍ଦ୍ରକୁ ୫ଟି ରାଜ୍ୟର ପ୍ରତିନିଧି ଦଳ ପରିଦର୍ଶନ କରିଛନ୍ତି । ଝାଡ଼ଖଣ୍ଡ, ବିହାର, ଗୁଜୁରାଟ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ପ୍ରତିନିଧି ଦଳ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ସଦସ୍ୟଙ୍କ ଆବର୍ଜନାରୁ ଖତ ସୃଷ୍ଟି ପ୍ରକ୍ରିୟା ବିଷୟରେ ଅବଗତ ହୋଇଥିଲେ । ଏହି ପରିଦର୍ଶନ ସମୟରେ ଗଞ୍ଜାମ ଜିଲ୍ଲା ପରିଷଦ, ଓର୍‌ମାସ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାଣି ପଞ୍ଚାୟତ

ରାଜ୍ୟବ୍ୟାପୀ ଆଜିଠାରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ଏଥିରେ ପାଣି ପଞ୍ଚାୟତମାନଙ୍କ ଦକ୍ଷତାବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଗି ଆବେଦନ ଆରମ୍ଭ ହୋଇଛି । ଏଥିରେ ୭ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ । ଜିଲ୍ଲା ଓ ବ୍ଲକ ସମେତ ଶିକ୍ଷଣ ପ୍ରତିଷ୍ଠାନ, ଶିକ୍ଷକ, ଅଧିକାରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁରସ୍କାର ନିମନ୍ତେ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଜରିଆରେ ଆବେଦନ ଗ୍ରହଣ କରାଯିବ । **msp.odisha.gov.in** ପୋର୍ଟାଲରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ କରିପାରିବେ ।

## ସୋଲାର ସିଷ୍ଟମ

ସମ୍ବଲପୁର ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଆଜି ସୋଲାର ସିଷ୍ଟମର ଶୁଭାରମ୍ଭ ହେବ । ଏହି ପ୍ରକଳ୍ପ ମାଧ୍ୟମରେ ଦୈନିକ ୧୨୦ କିଲୋୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ।

# ଫୁଟବଲ ମ୍ୟାଚ୍

ରାଜମାତା ଜିଜାବାଇ ଟ୍ରଫି ପାଇଁ ଛତିଶଗଡର ନାରାୟଣପୁରଠାରେ ଚାଲିଥିବା ୨୯ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନସିପ୍‌ର ସେମିଫାଇନାଲ ମ୍ୟାଚ୍‌ରେ ଗତକାଲି ଓଡ଼ିଶା’ ହରିୟାଣାକୁ ୨-୦ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଫାଇନାଲ ମ୍ୟାଚ୍ ଓଡ଼ିଶା ଓ ମଣିପୁର ମଧ୍ୟରେ ଖେଳାଯିବ ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ଖୋର୍ଦ୍ଧା ଜିଲ୍ଲାର ବେଗୁନିଆଠାରେ ସର୍ବାଧିକ ୮୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅପରପକ୍ଷରେ ଘନ କୁହୁଡି ହେବା ନେଇ ଆଜି ପାଇଁ ସୁନ୍ଦରଗଡ଼, ଝାରସୁଗୁଡା, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।